# NATIONAL NEWS BULLETIN (ODIA)

## 25 November - 2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ମନ୍ଦିର ପରିଦର୍ଶନରେ ଯାଇ ଆଜି ଧ୍ୱଜା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ ।
- ଦେଶରେ ଲାଗୁ ହୋଇଥିବା ୪ଟି ଶ୍ରମ ସଂହିତାକୁ ସ୍ୱାଗତ କଲା ଭାରତୀୟ ଶିଳ୍ପ ଓ ପ୍ରତିଷ୍ଠାନ ସଂଘ ।
- ଭଗବତ ଗୀତାର ବାର୍ତ୍ତା ସାରା ବିଶ୍ୱକୁ ମାନବତାର ବାର୍ତ୍ତା ଦେଉଛି, କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଛତିଶଗଡ଼ର ସୁକମା ଜିଲ୍ଲାରେ ଆତ୍ମସମର୍ପଣ କଲେ ପ୍ରତିବନ୍ଧିତ ସି.ପି.ଆଇ.ର ୧୫ ଜଣ ମାଓବାଦୀ ।

ଏବଂ

- ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ୨୬ ରନ୍‌ରୁ ଦ୍ୱିତୀୟ ଇନିଂସ ଜାରି ରଖିବ ଦକ୍ଷିଣ ଆଫ୍ରିକା ।

# ପିଏମ୍-ଅଯୋଧ୍ୟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତର ପ୍ରଦେଶ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିର ପରିଦର୍ଶନରେ ଯିବେ । ସେଠାରେ ଶ୍ରୀ ମୋଦୀ ଧ୍ୱଜାରୋହଣ ସମାରୋହରେ ସାମିଲ ହେବେ ।

ଆମ ଆକାଶବାଣୀ ସମ୍ବାଦଦାତା ଜଣାଇଛନ୍ତି, ପ୍ରଧାନମନ୍ତ୍ରୀ' ମହର୍ଷି ବଶିଷ୍ଠ, ବିଶ୍ୱାମିତ୍ର, ଅଗସ୍ତ୍ୟ, ବାଲ୍ମିକୀ, ଦେବୀ ଅହଲ୍ୟା, ନିଶାଦରାଜ ଗୁହା ଏବଂ ମାତା ଶବରୀଙ୍କ ସହିତ ଜଡ଼ିତ ସପ୍ତ ମନ୍ଦିର ପରିଦର୍ଶନ କରିବେ । ପରେ ପ୍ରଧାନମନ୍ତ୍ରୀ' ଶେଷାବତାର ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ଗସ୍ତ କାଳରେ ଶ୍ରୀ ମୋଦୀ ମାତା ଅନ୍ନପୂର୍ଣ୍ଣା ମନ୍ଦିର ଓ ରାମଲଲା ଗର୍ଭଗୃହ ପରିଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ । ମଧ୍ୟାହ୍ନ ୧୨ଟାରେ ଶ୍ରୀ ମୋଦୀ ଅଯୋଧ୍ୟାର ପବିତ୍ର ଶ୍ରୀରାମ ଜନ୍ମଭୂମି ମନ୍ଦିରର ଶିଖରରେ ବିଧିବଦ୍ଧ ଭାବେ ଏକ ଗେରୁଆ ରଙ୍ଗର ପତାକା ଉତ୍ତୋଳନ କରିବେ । ଏହା ମନ୍ଦିର ନିର୍ମାଣ ସମାପ୍ତିର ପ୍ରତୀକ ଏବଂ ସାଂସ୍କୃତିକ ଉତ୍ସବ ଓ ଜାତୀୟ ଏକତାର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ।

ଆଜି ମାର୍ଗଶୀର ମାସର ଶୁକ୍ଲ ପକ୍ଷର ପଞ୍ଚମୀ ତିଥିରେ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଯାହା ପ୍ରଭୁ ଶ୍ରୀରାମ ଏବଂ ମାତା ସୀତାଙ୍କ ବିବାହ ପଞ୍ଚମୀ ସହ ସମାନ । ଏହି ତାରିଖ ମଧ୍ୟ ନବମ ଶିଖ୍ ଗୁରୁ, ଗୁରୁ ତେଗ୍ ବାହାଦୂର ଜୀଙ୍କ ସହିଦ ଦିବସ ପାଳନକୁ ଦର୍ଶାଉଛି । ଗୁରୁ ତେଗ୍ ବାହାଦୂର ଜୀ ୧୭୦୦ ଶତାବ୍ଦୀରେ ଅଯୋଧ୍ୟାରେ ୪୮ ଘଣ୍ଟା ପାଇଁ ନିରବଚ୍ଛିନ୍ନ ଭାବେ ଧ୍ୟାନ କରିଥିଲେ । ଆଜି ଉତ୍ତୋଳନ ହେବାକୁ ଥିବା ଧ୍ୱଜାର ଉଚ୍ଚତା ୧୦ ଫୁଟ୍

ଓ ଲମ୍ବ ୨୦ ଫୁଟ୍ ରହିଛି । ଏଥିରେ ବୀରତ୍ୱର ପ୍ରତୀକ ଭାବେ ଏକ ଉଜ୍ଜ୍ୱଳ ସୂର୍ଯ୍ୟଙ୍କ ପ୍ରତିଛବି ଓ ଓମ୍ ଲେଖାଥିବା ଜଣାପଡ଼ିଛି ।

## ଲେବର ଲେଟର ପିଏମ୍

ଦେଶରେ ଲାଗୁ ହୋଇଥିବା ୪ଟି ଶ୍ରମ ସଂହିତାକୁ ପ୍ରଶଂସା କରି ଭାରତୀୟ ଶିଳ୍ପ ଏବଂ ପ୍ରତିଷ୍ଠାନ ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ପତ୍ର ଲେଖିଛନ୍ତି । ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏସ୍.କେ. ଶର୍ମା କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ଐତିହାସିକ ନିଷ୍ପତ୍ତି ବୋଲି ବର୍ଣ୍ଣନା କରି ଏହା ଆଧୁନିକ, ସ୍ୱଚ୍ଛତ ଏବଂ ସମାନ ଶ୍ରମ ଢାଞ୍ଚା ଗଠନ ପାଇଁ ସରକାରଙ୍କ ଦୂରଦୃଷ୍ଟିପୂର୍ଣ୍ଣ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି କହିଛନ୍ତି ।

## ଲେବର କୋଡ୍-ରିଆକସନ୍

କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରିଟିସ୍ ଅମଳରୁ ପ୍ରଚଳିତ ଶ୍ରମ ଆଇନ୍ ଗୁଡ଼ିକର ପରିବର୍ତ୍ତନ କରି ୪ଟି ନୂଆ ଶ୍ରମ ସଂହିତା ପ୍ରଚଳନ ପରେ, ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏୟାର୍ ଇଣ୍ଡିଆ ଏୟାରକ୍ରାଫ୍ଟ ଇଞ୍ଜିନିୟର୍ସ୍ ଆସୋସିଏସନ୍‌ର ସାଧାରଣ ସଚିବ ଏସ୍.ଏନ୍. ଭଟ୍ଟ ଚାରୋଟି ନୂଆ ଶ୍ରମ ସଂହିତା ସ୍ୱାଗତ କରି କହିଛନ୍ତି, ଏହା ଏକ ବଳିଷ୍ଠ ପଦକ୍ଷେପ । ସେ କହିଛନ୍ତି, ନୂଆ ଶ୍ରମ ସଂହିତାରେ ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାନତା ପ୍ରଦାନ କରିଛନ୍ତି ।

**V/O-S.N. Bhatta**

ନ୍ୟାସନାଲ୍ ଫ୍ରଣ୍ଟ୍ ଅଫ୍ ଟ୍ରେଡ୍ ୟୁନିୟନ୍‌ର ରାଷ୍ଟ୍ରୀୟ ସଚିବ ରାକେଶ ମଣି ନୂଆ ଶ୍ରମ ସଂହିତାକୁ ସ୍ୱାଗତ କରି କହିଛନ୍ତି, ଭବିଷ୍ୟତରେ ଶ୍ରମିକମାନଙ୍କ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ ।

**V/O-Rakesh Mani**

## ରବି କ୍ରପ୍ସ-ଡାଟା

କେନ୍ଦ୍ର ସରକାର ରବି ଫସଲ ଅନ୍ତର୍ଗତ ସୂଚନା ପ୍ରଦାନ କରିଛନ୍ତି । କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅନୁଯାୟୀ ଚଳିତ ମାସ ୨୧ ତାରିଖ ସୁଦ୍ଧା ଦେଶର ବିଭିନ୍ନ କ୍ଷେତ୍ରରେ ୩୦୬ ଲକ୍ଷ ହେକ୍ଟରରୁ ଅଧିକ ଅଞ୍ଚଳରେ ରବି ଫସଲ ବୁଣାଯାଇଛି । ଗତବର୍ଷ ତୁଳନାରେ ଚଳିତ ବର୍ଷ ୭୩ ଦଶମିକ୍ ୩୬ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଡାଲି ଚାଷ କରାଯାଇଛି । ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ୍ ଅନୁଯାୟୀ ୧୯ଦଶମିକ୍ ୬/୯ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଶ୍ରୀଅନ୍ନ ଚାଷ କରାଯାଇଥିବା ବେଳେ ୭୬ ଦଶମିକ୍ ୬/୪ ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଚାଷ କରାଯାଇଛି ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଭଗବତ ଗୀତାର ବାର୍ତ୍ତା କେବଳ ଦେଶର ସୀମା ମଧ୍ୟରେ ସୀମିତ ନୁହେଁ ବରଂ ଏହା ସାରା ବିଶ୍ୱକୁ ମାନବତାର ବାର୍ତ୍ତା ଦେଉଛି । ହରିଆଣାର କୁରୁକ୍ଷେତ୍ରରେ ଆନ୍ତର୍ଜାତିକ ଗୀତା ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ଆଜି ମଧ୍ୟ ଭଗବତ ଗୀତାର

ବାର୍ତ୍ତା ଲୋକମାନଙ୍କ ମଧ୍ୟରେ ଆଶାର ଆଲୋକ ସଞ୍ଚାର କରୁଛି । ସେ କହିଛନ୍ତି,

**V/O-Rajnath Singh**

# ମାଓଇଷ୍ଟ ସରେଣ୍ଡର-ଛତିଶଗଡ଼

ଛତିଶଗଡ଼ର ସୁକମା ଜିଲ୍ଲାରେ ପ୍ରତିବନ୍ଧିତ ସି.ପି.ଆଇ. ମାଓବାଦୀ ଗୋଷ୍ଠୀର ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ଉପରେ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା । ଆତ୍ମସମର୍ପଣ କରିଥିବା ୧୧ ଜଣଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ରହିଛନ୍ତି । ସମସ୍ତ ୧୧ ଜଣ ଯାକ ମାଓବାଦୀ ସୁକମା ପୋଲିସ୍ ଅଧିକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

ପୋଲିସ୍ ଅଧିକ୍ଷକ କହିଛନ୍ତି, ମାଓ କମାଣ୍ଡର ହିଦ୍‌ମା ନିପାତ ହେବା ପରେ ମାଓଗଡ଼ ଉପରେ ପ୍ରଭାବ ପଡ଼ିଛି । ସେ କହିଛନ୍ତି, ଛତିଶଗଡ଼ ସରକାରଙ୍କ ନକ୍ସଲ ଆତ୍ମସମର୍ପଣ ପୁନର୍ବାସ ନୀତି ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ । ପ୍ରତ୍ୟେକ ଆତ୍ମସମର୍ପଣକାରୀଙ୍କୁ ତୁରନ୍ତ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ମାଓବାଦୀମାନଙ୍କୁ ହିଂସା ପରିହାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି ।

ସୂଚନା ଅନୁଯାୟୀ ଚଳିତ ବର୍ଷ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସଂଖ୍ୟା ୬୫୦ ଅତିକ୍ରମ କରିଛି ।

# ଅଶ୍ୱିନୀ ବୈଷ୍ଣବ

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତକାଲି ଉତ୍ତର ପ୍ରଦେଶର ବାଗ୍‌ପତରେ ଦୁଇଟି ମେମୁ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ମେମୁ ରେଳଗାଡ଼ି ଛାତ୍ର ଏବଂ ବୃତ୍ତିଗତଙ୍କ ପାଇଁ ଉତ୍ତମ ଯାତ୍ରା ବିକଳ୍ପ ପ୍ରଦାନ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହା ସମ୍ପୃକ୍ତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ସହଜତା ଆଣିବା ସହ ସ୍ଥାନୀୟ ଅର୍ଥ ବ୍ୟବସ୍ଥାର ବିକାଶରେ ମଧ୍ୟ ସହାୟକ ହେବ ।

**V/O-Ashini Vaishnab**

# ଜିଏସ୍‌ଟି

ଚଳିତ ବର୍ଷ ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ଜି.ଏସ୍.ଟି. ଟିକସ ହ୍ରାସ କରି ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଆରମ୍ଭ କରିଥିଲେ । ଏହାଦ୍ୱାରା ଦେଶର ନାଗରିକମାନେ ବିଭିନ୍ନ କ୍ଷେତ୍ରରୁ ଲାଭ ପାଇବା ଆରମ୍ଭ ହୋଇଥିଲା । ବିଶେଷ ଭାବେ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବା ପରେ ଶିକ୍ଷା କ୍ଷେତ୍ରକୁ ଏହା ଅଧିକ କ୍ରିୟାଶୀଳ କରିବା ସହ ଷ୍ଟେସନାରୀ ସାମଗ୍ରୀର ଦର ହ୍ରାସ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମନପସନ୍ଦର ସାମଗ୍ରୀ କିଣିବା ଲାଗି ଉତ୍ସାହିତ କରିଥିଲା ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଅଧୀନରେ ପେନ୍‌ସିଲ୍, ସାର୍ପେନର୍, କ୍ରେୟନ୍, ଅଭ୍ୟାସ ପୁସ୍ତିକା, ଗ୍ରାଫ୍ ଖାତା, ମ୍ୟାପ୍ ଏବଂ ଚାର୍ଟ୍ ଉପରେ ପୂର୍ବରୁ ଲାଗୁ ହୋଇଥିବା ୧୨ ପ୍ରତିଶତ ଜି.ଏସ୍.ଟି.କୁ ସମ୍ପୂର୍ଣ୍ଣ ଉଚ୍ଛେଦ

କରାଯାଇଛି । ପୂର୍ବରୁ ଇରେଜର୍ ଉପରେ ଲାଗୁ ହୋଇଥିବା ୫ ପ୍ରତିଶତ ଜି.ଏସ୍.ଟି.କୁ ମଧ୍ୟ ହଟାଇ ଦିଆଯାଇଛି । ଏହା ଫଳରେ  ପରିବାରର ସାମଗ୍ରୀକ ଖର୍ଚ୍ଚ ଉପରେ ପଡୁଥିବା ବୋଝ ହ୍ରାସ ପାଇଛି ଏବଂ ଷ୍ଟେସନାରୀ କିଣାବିକା କ୍ଷେତ୍ରରେ ଥିବା ଦୂରତା କମ୍ ହୋଇପାରିଛି । ଏହା କେବଳ ଶିକ୍ଷଣୀୟ ଉପକରଣ ଗୁଡ଼ିକର ଉପଲବ୍ଧତା ସହଜ କରି ନାହିଁ ବରଂ  ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବାରେ ସହାୟକ ହୋଇଛି ।

# ମେନ୍ସ କ୍ରିକେଟ୍

ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଦକ୍ଷିଣ ଆଫ୍ରିକା ୨୬ରନ୍‌ରୁ ତାର ଦ୍ୱିତୀୟ ଇଂନିସ ଜାରି ରଖିବ । ଗତକାଲି ତୃତୀୟ ଦିନରେ ଭାରତ ପ୍ରଥମ ଇନିଂସରେ ସମସ୍ତ ଓ୍ୱିକେଟ୍ ହରାଇ ୨୦୧ରନ୍ କରିଥିଲା । ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୨୮୮ ରନ୍‌ରେ ଆଗରେ ରହିଛି । ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ରନ୍ ସ୍କୋର କରିଥିଲା ।

ସୂଚନା ଯୋଗ୍ୟ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ୩୦ରନ୍‌ରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

# କବାଡ଼ି

ଭାରତ ଢାକାରେ ଅନୁଷ୍ଠିତ ଦ୍ୱିତୀୟ ମହିଳା କବାଡ଼ି ବିଶ୍ୱକପ୍ ଚମ୍ପିୟାନ୍ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଚାଇନିଜ୍ ତାଇପେଇକୁ ୩୫-୨୮ରେ ପରାସ୍ତ କରିଛି । ସେମିଫାଇନାଲ୍‌ରେ ଇରାନ୍‌କୁ ୩୩-୨୧ରେ ପରାସ୍ତ କରିବା ପୂର୍ବରୁ ଭାରତ ସମସ୍ତ ୪ଟି ଗ୍ରୁପ୍ ଷ୍ଟେଜ୍ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା । ଏହି ପ୍ରତିଯୋଗିତାରେ ୧୧ଟି ଦେଶ ଅଂଶଗ୍ରହଣ କରିଥିବା ବେଳେ ଭାରତ ଏବଂ ଚାଇନିଜ୍ ତାଇପେଇ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ମହିଳା ଦଳର କବାଡ଼ି ବିଶ୍ୱକପ୍ ବିଜୟକୁ ପ୍ରଶଂସା କରିଛନ୍ତି । ଦଳର ସାହସ ଏବଂ ଦକ୍ଷତାକୁ ପ୍ରଶଂସା କରି ଶ୍ରୀ ମୋଦୀ କହିଛନ୍ତି, ଏହି ବିଜୟ ଯୁବ ଖେଳାଳିମାନଙ୍କୁ ପ୍ରେରଣା ଯୋଗାଇବ ।